ଭାରତୀୟ ଜନତା ପାର୍ଟି, ଓଡିଶା

ଉଜ୍ଜଳା ଯୋଜନା ଉପରେ ବିଜୁ ଜନତା ଦଳର ଅଭିଯୋଗ ପ୍ରସଙ୍ଗରେ

## ଧର୍ମେନ୍ଦ୍ର ପ୍ରଧାନଙ୍କ ସଫଳତାରେ ଇର୍ଷ୍ୟାନ୍ୱିତ ହୋଇ ବିଜେଡି ବାଚାଳାମି କରୁଛି – ବିଜେପି

- ବିଜୁ ଜନତା ଦଳର ଅଭିଯୋଗ ସମ୍ପୂର୍ଣ୍ଣ ମିଥ୍ୟା, ଭିତିହିନ ଏବଂ କପୋଳ କଳ୍ପିତ
- ସାରା ଦେଶରେ ଉଜ୍ଜଳା ହିତାଧୀକାରିଙ୍କ ସଂଖ୍ୟା ୫ କୋଟି ୮୦ ଲକ୍ଷରେ ପହଂଚି ସାରିଥିଲାବେଳେ ବିଜୁ ଜନତା ଦଳ ଏପ୍ରସଙ୍ଗରେ ଅଜ୍ଞ
- ମନ୍ତ୍ରୀ ସୁର୍ଯ୍ୟ ନାରାୟଣ ପାତ୍ର କିନ୍ତୁ ବିଧାନସଭାରେ ଉଜ୍ଜଳା ଯୋଜନାରେ ୮୦%ରୁ ଅଧିକ ହିତାଧୀକାରି ରିଫିଲିଙ୍ଗ କରୁଥିବା କଥା କହିଛନ୍ତି
- ବିଜୁ ଜନତା ଦଳର କଥା ସତ କି ମନ୍ତ୍ରୀ ସୁର୍ଯ୍ୟ ପାତ୍ରଙ୍କର ବିଧାନସଭାର ଉତର ସତ ତାହା ବିଜେଡି ବିଚାର କରୁ

**ଭୁବନେଶ୍ୱର,ତା.୧୦/୧୨ :**ଆଜି ବିଜୁ ଜନତା ଦଳ ଉଜ୍ଜଳା ଯୋଜନା ସମ୍ପୁର୍ଣ୍ଣ ବିଫଳ ହୋଇଛି ବୋଲି କରିଥିବା ଅଭିଯୋଗ ସମ୍ପୂର୍ଣ୍ଣ ମିଥ୍ୟା, ଭିତିହିନ ଏବଂ କପୋଳ କଳ୍ପିତ ବୋଲି କହିଛନ୍ତି ବିଜେପି ସମ୍ପାଦିକା ଲେଖାଶ୍ରୀ ସାମନ୍ତ ସିଂହାର । ଲେଖାଶ୍ରୀ କହିଛନ୍ତି କି ବିଜୁ ଜନତା ଦଳ କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ସଫଳତାରେ ଇର୍ଷ୍ୟାନିତ ହୋଇ ଏପରି ବାଚାଳାମି କରୁଛି ।

ସାରା ଦେଶରେ ଉଜ୍ଜଳା ହିତାଧୀକାରିଙ୍କ ସଂଖ୍ୟା ୫ କୋଟି ୮୦ ଲକ୍ଷରେ ପହଂଚି ସାରିଥିଲାବେଳେ ବିଜୁ ଜନତା ଦଳ ଏପ୍ରସଙ୍ଗରେ ଅଜ୍ଞ ଅଛି । ସେମାନେ ହିତାଧୀକାରୀ ସଂଖ୍ୟା ବିଷୟରେ ଅଧ୍ୟୟନ କରିବା ଉଚିତ । ଉଜ୍ଜଳା ଯୋଜନାରେ ରିଫିଲିଙ୍ଗ ହେଉନଥିବା କଥା ବିଜୁ ଜନତା ଦଳ କହୁଥିବାବେଳେ ତାଙ୍କର ମନ୍ତ୍ରୀ ସୁର୍ଯ୍ୟ ନାରାୟଣ ପାତ୍ର କିନ୍ତୁ ବିଧାନସଭାରେ ଉଜ୍ଜଳା ଯୋଜନାରେ ୮୦%ରୁ ଅଧିକ ହିତାଧୀକାରି ରିଫିଲିଙ୍ଗ କରୁଥିବା କଥା କହିଛନ୍ତି । ତାହେଲେ ବିଜୁ ଜନତା ଦଳର କଥା ସତ କି ମନ୍ତ୍ରୀ ସୁର୍ଯ୍ୟ ପାତ୍ରଙ୍କର ବିଧାନସଭାର ଉତର ସତ ତାହା ସେମାନେ ବିଚାର କରନ୍ତୁ ବୋଲି ଲେଖାଶ୍ରୀ କହିଛନ୍ତି ।

ଉଜ୍ଜଳା ଯୋଜନାକୁ ପ୍ରଥମରୁ ବିଜୁ ଜନତା ଦଳ ବିରୋଧ କରି ଏହାର ବଂଟନରେ ରାଜ୍ୟ ସରକାର ସହଯୋଗ କରୁନଥିଲେ । ରାଜ୍ୟରେ ଏସଇସିସି ତଥ୍ୟ ଅନୁସାରେ ରାଜ୍ୟରେ ଉଜ୍ଜଳା ବଂଟା ଯାଇଛି । ସମସ୍ତ ଆଦିବାସୀ ଏବଂ ତଫସିଲଭୁକ୍ତ ଜାତି ମାନଙ୍କୁ ମାଗଣାରେ ମିଳିଛି । ଏହା ବୋଧହୁଏ ବିଜେଡିର ଆଖିରେ ଯାଉନାହିଁ ସେଥିପାଇଁ ସେମାନେ ଏପରି ବ୍ରିଭାନ୍ତିକାରି ତଥ୍ୟ ଦେଉଛନ୍ତି ବୋଲି ଶ୍ରୀମତି ସାମନ୍ତ ସିଂହାର କହିଛନ୍ତି ।

**(ବିଜେପି ମିଡିଆ ସେଲ୍)**